# ODM PUBLIC SCHOOL

SESSION : 11

CLASS : V

SUBJECT : ଓଡ଼ିଆ

CHAPTER NUMBER:

CHAPTER NAME: ପତ୍ରଲିଖନ

SUBTOPIC : ସମୋଚ୍ଚାରିତ ଶବ୍ଦ

# LEARNING OBJECTIVE

ପତ୍ରଲିଖନ ମାଧ୍ୟମରେ ଲବ୍ଧଜ୍ଞାନ ।

# ୟାୟାମର ଉପକାରିତା ବିଷୟରେ ବର୍ଣ୍ଣନା କରି ସାନଭାଇ ନିକଟକୁ ପତ୍ର

ODM EDUCATIONAL GROUP
Changing your Tomorrow

ସ୍ଥାନ-ପଟିଆ
ତାରିଖ-୨୧.୧.୨୨

ସ୍ନେହର ମୁନା,

ମୋର ସ୍ନେହ ନେବୁ। ବାପା,ମାଆଙ୍କୁ ମୋର ପ୍ରଣାମ ।ବ୍ୟାୟାମର ଉପକାରିତା ବିଷୟରେ ମୁଁ ଏ ପତ୍ରରେ ଲେଖୁଛି ।ପଢି ଜାଣିବୁ ଓ ପ୍ରତ୍ୟେକ ଦିନ ବ୍ୟାୟାମ କରିବୁ । ଦେହ ସୁସ୍ଥ ରହିବ ।

କଥାରେ କହନ୍ତି ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁନ୍ଦର ସ୍ୱାସ୍ଥ୍ୟରେ ସୁନ୍ଦର ଚିନ୍ତାଧାରା ଥାଏ । ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ବ୍ୟାୟାମର ଆବଶ୍ୟକତା ରହିଛି ।ବ୍ୟାୟାମ କଲେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ । ଝାଳ ଦେଇ ଦୂଷିତ ପଦାର୍ଥ ଦେହରୁ ବାହାରି ଯାଇଥାଏ ।ମାଂସପେଶୀ ଟାଣ ହୋଇଥାଏ ।ଖାଦ୍ୟ ଭଲ ହଜମ ହୋଇଥାଏ । ଭୋକ ଲାଗିଥାଏ । ମନ ଫୁର୍ତ୍ତି ରହିଥାଏ । ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।ଆହୁରି ଅନେକ ଉପକାର କରିଥାଏ ।ତୁ ପ୍ରତ୍ୟେକ ଦିନ ବ୍ୟାୟାମ କରିବୁ । ଏତିକିରେ ରହୁଛି । (ଇତି)

ତୋର ବଡ଼ ଭାଇ ।

# ଠିକଣା

ODM EDUCATIONAL GROUP
Changing your Tomorrow

| ପ୍ରେରକ | ଗ୍ରାହକ |
| --- | --- |
| ଅଭିରାମ ନାୟକ | ଅନୁରାଗ ନାୟକ |
| ଡ଼ି.ଏ.ଭି. ପବ୍ଲିକ୍ ସ୍କୁଲ | ଗ୍ରାମ-ହରିପୁର |
| ଚନ୍ଦ୍ରଶେଖର ପୁର | ପୋଷ୍ଟ-ନରିପୁର |
| ଭୁବନେଶ୍ୱର | ଜିଲ୍ଲା-ସମ୍ବଲପୁର |

ODM EDUCATIONAL GROUP
Changing your Tomorrow

# ସମୋଚ୍ଚାରିତ ଶବ୍ଦଗୁଡ଼ିକର ଭିନ୍ନ ଅର୍ଥ ଲେଖ ।

| | | | | |
|---|---|---|---|---|
| ସୁତା –ଝିଅ | ସତ–ସତକଥା | ବଳି –ହତ୍ୟା | ପୁତ–ପୁଅ | ଶ୍ରବଣ–ଶୁଣିବା |
| ସୂତା–ସିଲେଇ ସୂତା | ଶତ–ଶହେ | ବଳୀ–ବଳୁଆ | ପୂତ–ପବିତ୍ର | ସ୍ରବଣ–ଝରିବା |

# ଗୃହକର୍ମ

ଆଉ ୩ଟି ସାମୋଚ୍ଚାରିତ ଶବ୍ଦ ଖାତାରେ ଲେଖ ।

# LEARNING OUTCOME:

ପତ୍ରଲିଖନ ଓ ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP